# Akashvani, Sambalpur

## SAMBALPURI NEWS EVENING BULLETIN

## 5 October 2023- 7.02 pm- 7.12 pm.

*********************************************

### ମୁଖିଆ ଖବର୍

୧- ରନ୍ଧା ଗେସ୍ ସବ୍‌ସିଡି ବଢ଼୍‌ବାର୍‌ନୁ ରାଜ୍ୟର୍ ୫୩ ଲାଖ୍ ନୁ ଅଏତ୍‌କା ଉଜ୍ଜ୍ୱଲା ହିତାଧିକାରୀ ଲାଭ୍ ପାଏବେ- କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୨- ରାୟଗଡ଼ାର କଁସାରୀଗୁଡ଼ା ଠାନେ ପ୍ରସ୍ତାବିତ ଆଲୁମିନା ରିଫାଇନାରୀ ଲାଗି ଓଡ଼ିଶା ଖଣି ନିଗମ୍ ଆର୍ ହିଣ୍ଡାଲ୍‌କୋ ଭିତ୍‌ରେ ସ୍ୱାକ୍ଷରିତ୍ ହେଲା ବୁଝାମଣାପତ୍ର ।

- ୮ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ହେବାର୍‌କେ ଥିବା ଇ ରିଫାଇନାରୀ ନୁ ରୋଜ୍‌ଗାର୍ ପାଏବେ ୫ ହଜାର୍ ଲୋକ୍ ।

୩- ସିକ୍କିମ୍‌ର ବନ୍ୟାଥି ଓଡ଼ିଆ ଜବାନ୍‌ଙ୍କର୍ ମୃତ୍ୟୁ ।

ଆଉର୍

୪- ସାହିତ୍ୟଥି ନୋବେଲ୍ ପୁରସ୍କାର୍ ପାଏବେ ଜନ୍ ଫୋସେ ।

ଉଜ୍ଜ୍ୱଳା            ଆର୍‌ଏନ୍‌ୟୁ କଟକ୍

କେନ୍ଦ୍ର ସର୍‌କାର୍ ରନ୍ଧା ଗେସ୍ ସବ୍‌ସିଡି ବଢ଼େଇଥିବାର୍‌ନୁ ରାଜ୍ୟର୍ ୫୩ ଲାଖ୍ ନୁ ଅଏତ୍‌କା ଉଜ୍ଜ୍ୱଳା ହିତାଧିକାରୀ ଲାଭ୍ ପାଏବେ ବଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆର୍ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଉଜ୍ଜ୍ୱଳା ଯୋଜ୍‌ନାର୍ ହିତାଧିକାରୀମାନ୍‌କର୍ ଲାଗି ରନ୍ଧାଗେସ୍ ସିଲିଣ୍ଡର୍ ପିଛା ସବ୍‌ସିଡି ଆର୍ ଶହେ ଟଙ୍କା ବଢ଼ିଛେ । ଆଘୋନୁ ଉଜ୍ଜ୍ୱଳା ଲାଭାର୍ଥୀ ମାନ୍‌କୁ ୨ ଶହ ଟଙ୍କାର ସବ୍‌ସିଡି ଦିଆଯାଉଥିଲା, ଯେନ୍‌ଟାକେ ବଢ଼େଇକରି ଏଛେନ୍ ୩ ଶହ ଟଙ୍କା କରାଯାଇଛେ ।

ରେଲ୍‌ମନ୍ତ୍ରୀ-ବନ୍ଦେ ଭାରତ            ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏବା ବଛର୍ ଆରମ୍ଭ୍‌ନୁ ବନ୍ଦେ ଭାରତ୍ ଏକ୍ସ୍‌ପ୍ରେସ୍‌ଥି ସ୍ଲିପର୍ ସେବା ମୁଲ୍ ହେବା ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ । ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ସାମାଜିକ ଗଣମାଧ୍ୟମ୍ ଏକ୍ସ ଥି ବନ୍ଦେ ଭାରତ୍ ସ୍ଲିପର୍ କୋଚ୍ ସୁବିଧା ବାବ୍‌ଦେ ଗୁଟେ ଫଟୁ ଶେୟାର୍ କରିଛନ୍ ।

ବୁଝାମଣାପତ୍ର ସ୍ୱାକ୍ଷରିତ୍ ଆର୍‌ଏନ୍‌ୟୁ କଟକ୍

ଓଡ଼ିଶା ଖଣି ନିଗମ୍- ଓଏମ୍‌ସି ଆର୍ ହିଣ୍ଡାଲ୍‌କୋ ଭିତ୍‌ରେ ରାୟଗଡ଼ାର କଂସାରୀଗୁଡ଼ା ଠାନେ ହେବାର୍‌କେ ଥିବା ଆଲୁମିନା ରିଫାଇନାରୀ ଲାଗି ଦର୍‌କାରୀ କଂଚାମାଲ୍ ଯୁଗାବାର୍ ନେଇ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍‌ଙ୍କର୍ ଉପସ୍ଥିତିଥି ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ୍ ବଲ୍‌ୱନ୍ତ ସିଂ ଆର୍ ହିଣ୍ଡାଲ୍‌କୋର ପରିଚାଳନା ନିର୍ଦ୍ଦେଶକ ସତୀଶ୍ ପାଇ ବୁଝାମଣା ପତ୍ରଥି ସ୍ୱାକ୍ଷର୍ କରିଛନ୍ । ଇତାର୍ ଜରିଏ ରାୟଗଡ଼ା ଠାନେ ୨ ମିଲିୟନ୍ ଟନ୍ ଆଲୁମିନା ରିଫାଇନାରୀ ଲାଗି କାମ୍ ଆଗ୍‌କେ ବଢ଼୍‌ବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ କହିଛନ୍ ଯେ, ଓଡ଼ିଶା ନ ଶିଳ୍ପର ବଢ଼୍‌ତି ଆର୍ ବିକାଶ୍ ଦିଗେ ଗୁଟେ ନୂଆଁ ଯାତ୍ରା ମୁଲ୍ ହେଇଛେ । ଓଡ଼ିଶାକେ ପୂର୍ବ ଭାରତ୍‌ର ଶିଳ୍ପ ହବ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇ ପ୍ରକଳ୍ପ ଲାଗି ରାୟଗଡ଼ାର୍ ଜନସାଧାରଣ୍ ପୁରା ଭାବେ ସମର୍ଥନ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ନିବେଦନ୍ କରିଛନ୍ । ସେ କହିଛନ୍ ଯେ, ୮ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ଇ ରିଫାଇନାରୀ ତିଆର୍ କରାଯାଉଛେ । ଇତାର୍ ପ୍ରକଳ୍ପ ଜରିଏ ୧ ହଜାର୍ ଲୋକ୍

ସିଧାସଲଖ୍  ରୋଜ୍‌ଗାର୍ ପାଏବେ ଆର୍ ୪ ହଜାର୍ ଲୋକ୍ ପରୋକ୍ଷ ଭାବେ ରୋଜ୍‌ଗାର୍ ପାଏବେ ।

ମୁଖ୍ୟମନ୍ତ୍ରୀ- ବିପିୟୁଟି- ଟେକ୍ କାର୍ଣ୍ଣିଭାଲ୍        ଆର୍‌ଏନ୍‌ୟୁ କଟକ୍

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ଭୁବ୍‌ନେଶ୍ୱର୍‌ର ଆଇଏମ୍‌ଏମ୍‌ଟି ପ୍ରେକ୍ଷାଳୟ ନ ବିପିୟୁଟି ଟେକ୍ କାର୍ଣ୍ଣିଭାଲ୍-୨୦୨୩ ର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ସେ କହିଛନ୍ ଯେ, ଏଛେନ୍ ଦେଶର୍ ପ୍ରଗତି, ସୁସ୍ଥତା ସବୁକିଛି ପ୍ରଯୁକ୍ତି ବିଦ୍ୟା ଉପ୍‌ରେ ନିର୍ଭର୍ କର୍‌ସି । ଏଛ୍‌ନିର୍ ପ୍ରଯୁକ୍ତି ବିଦ୍ୟା ସାଙ୍ଗେ ଜୁଡ଼ି ହେଇକରି ନିଜର୍ ସାମଗ୍ରିକ ବିକାଶ୍ ଦିଗେ କାମ୍ କର୍‌ବାର୍‌କେ ସେ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଦକ୍ଷତା ବିକାଶ୍ କ୍ଷେତ୍ରଥି ଓଡ଼ିଶା ଯୁଗାନ୍ତକାରୀ ପଦକ୍ଷେପ୍ ନେଇଛେ । ଇ କ୍ଷେତ୍ର ନ ଦକ୍ଷତା ବିକାଶ୍ କେନ୍ଦ୍ର ଗୁଟେ ପ୍ରମୁଖ ଅନୁଷ୍ଠାନ୍ ହିସାବେ କାମ୍ କରୁଛେ । ଇ ଅବ୍‌ସରେ ଦକ୍ଷତା ବିକାଶ୍ ମନ୍ତ୍ରୀ ପ୍ରୀତିରଞ୍ଜନ୍ ଘଡ଼େଇ କହିଛନ୍ ଯେ, ଓଡ଼ିଶା ପ୍ରଯୁକ୍ତି ବିଦ୍ୟାର ମୁଖ୍ୟ କେନ୍ଦ୍ର ହେଇଛେ । ଇଠାନେ ଛାତ୍ରଛାତ୍ରୀମାନ୍‌କେ ଉଚ୍ଚମାନର୍ ଶିକ୍ଷା ଦେବାର୍ ସାଙ୍ଗେ ପ୍ରଯୁକ୍ତି ବିଦ୍ୟା ବାବଦ୍ ଶିକ୍ଷା ଉପ୍‌ରେ ଭିଲ୍ ଜୋର୍

ଦିଆଯାଉଛେ । ଇ ଅବ୍ସରେ ଫାଇଭ୍-ଟି ସଚିବ ଭି.କେ. ପାଣ୍ଡିଆନ୍, ଦକ୍ଷତା ବିକାଶ୍ ଆଉ ପ୍ରଯୁକ୍ତି ବିଦ୍ୟା ବିଭାଗ୍ର ପ୍ରମୁଖ ସଚିବ ଉଷା ପାଢ଼ୀ, ବିପିୟୁଟିର କୁଲପତି ଅମୀୟ କୁମାର୍ ରଥଙ୍କର୍ ସହେତେ ଉନ୍ହିଆ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ୍ ଥିଲେ ।

ବୈଷୟିକ ସେବା କେନ୍ଦ୍ର ଥାପ୍ନା ଆର୍ଏନ୍ୟୁ ସମ୍ବଲପୁର୍

ବହୁରାଷ୍ଟ୍ରୀୟ ଆଇ.ଟି କମ୍ପାନୀ ଏକ୍ସେଞ୍ଚର୍ ତର୍ଫୁ ଭୁବ୍ନେଶ୍ୱର୍ ନ ବୈଷୟିକ ସେବା କେନ୍ଦ୍ର ଥାପ୍ନା କରାଯିବା ବଲି ରାଜ୍ୟ ସର୍କାର୍ ଘୋଷ୍ନା କରିଛନ୍ । ଇ କେନ୍ଦ୍ର ଥାପ୍ନା ହେଲେ ରାଜ୍ୟର୍ ଯୁଆନ୍ ପିଢ଼ି ବୈଷୟିକ କ୍ଷେତ୍ରଥି ନୂଆଁ ସୁଯୋଗ୍ ପାଏବେ । ରାଜ୍ୟ ସର୍କାର୍ ଇ କେନ୍ଦ୍ର ଥାପ୍ନା କର୍ବାର୍ ଲାଗି ସବୁ ସୁବିଧା ସୁଯୋଗ୍ ଯୁଗେଇ ଦେବେ ବଲି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ପ୍ରତିଶ୍ରୁତି ଦେଇଛନ୍ ।

ସିକ୍କିମ୍ର ବନ୍ୟା-ଓଡ଼ିଆ ଜବାନ୍ ମୃତ୍ୟୁ ଆର୍ଏନ୍ୟୁ ସମ୍ବଲପୁର୍

ସିକ୍କିମ୍ର ପ୍ରଳୟଙ୍କରୀ ବନ୍ୟାଥି ଓଡ଼ିଆ ଜବାନ୍ ସରୋଜ୍ ଦାସଙ୍କର୍ ମୃତ୍ୟୁ ହେଇଛେ । ଇ ବାବ୍ଦେ ସେନାବାହିନୀ ତର୍ଫୁ

ତାଁକର୍ ପରିବାର୍‌କେ ଜନେଇ ଦିଆଯାଇଛେ । ସରୋଜ୍‌ଙ୍କର୍ ମୃତ୍ୟୁ ଖବର୍ ପାଇକରି ତାଁକର୍ ଜନମ୍ ଜାଗା ଢେଙ୍କାନାଲ୍ ଜିଲ୍ଲା କାମାକ୍ଷାନଗର୍ କେନ୍ଦୁଡିପ ଗାଁ ସହେତେ ସାରା ରାଏଜେ ଶୋକର ଛାୟା ଖେଲିଯାଇଛେ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଗୁଟେ ଶୋକବାର୍ତାଥି କହିଛନ୍ ଦେଶସେବାଥି ସରୋଜ୍‌ଙ୍କର୍ ବଳିଦାନ୍ ସବୁବେଲେ ମନେ ରହେବା ।  ତାଁକର୍ ଅମର ଆତ୍ମାର୍ ସଦ୍‌ଗତି କାମନା କର୍‌ବାର୍ ସହେତେ ଶୋକସନ୍ତପ୍ତ ପରିବାର୍‌କେ ମୁଖ୍ୟମନ୍ତ୍ରୀ ସମବେଦନା ଜନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ସିକ୍କିମ୍ ନ ବାଦଲ୍‌ଫଟା ବର୍ଷା ହେଇକରି ବନ୍ୟା ହେବାର୍‌ନୁ ଭାରତୀୟ ସେନାର୍ ୨୩ ଝନ୍ ଜବାନ୍ ନିଖୋଜ୍ ହେଇଥିଲେ । ଶ୍ରୀ ଦାସ୍ ସେମାନ୍‌କର୍ ଭିତ୍‌ରୁ ଝନେ ଆନ୍ । ଗଲାକାଏଲ୍‌ଠାନୁ ସେ ନିଖୋଜ୍ ଥିଲେ ଆଉ ଆଏଜ୍ ତାଁକର୍ ମଲାଦିହି ଠାବ୍ ହେଇଛେ । ସରୋଜ୍ ଦାସ ୨୦୧୨ ମସିହା ନ ସେନାବାହିନୀଥି ଯୋଗ୍ ଦେଇଥିଲେ ।

ଅମୃତ୍ କଳସ          ଆର୍‌ଏନ୍‌ୟୁ କଟକ୍

କେନ୍ଦ୍ର ରେଲ୍ ଆଉ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦୋଷେ ଆଏଜ୍ ଓଡ଼ିଶା ଗସ୍ତ ନ ଆସିକରି ଗଞ୍ଜାମ୍ ଜିଲ୍ଲା ଚିକିଟି

ନିର୍ବାଚନ୍ ମଣ୍ଡଳୀର୍ ପାତ୍ରପୁର୍ ଗସ୍ତ କରିଛନ୍ । ରାଷ୍ଟ୍ରମନ୍ତ୍ରୀ ମେରୀ ମାଟି ମେରା ଦେଶ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ସହେତେ ଦିଲ୍ଲୀ ନ ହେବାର୍‌କେ ଥିବା ଅମୃତ୍ ବାଟିକା ଲାଗି ଅମୃତ୍ କଲସ୍‌ଥି ମାଟି ସଂଗ୍ରହ କରିଛନ୍ ।

ନୋବେଲ ପୁରସ୍କାର ଆରଏନୟୁ, ସମ୍ବଲପୁର

ନରୱେର ଲେଖକ୍ ଆର ନାଟ୍ୟକାର୍ ଜନ୍ ଫୋସେଙ୍କୁ ସାହିତ୍ୟ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ ଲାଗି ୨୦୨୩ ବଛରର ନୋବେଲ ପୁରସ୍କାର ପ୍ରଦାନ କରାଯିବା ବଲି ଷ୍ଟକହୋମ ଠାନେ ଆଏଜ୍ ନୋବେଲ କମିଟୀ ତରଫୁ ଘୋଷନା କରାଯାଇଛେ । ଜନ୍ ଫୋସେଙ୍କର ନାଟକ ଆର୍ ଗଦ୍ୟ ସମାଜର ଦୁର୍ବଲ ଆର ଅବହେଲିତ୍ ବର୍ଗର ଲୁକ୍‌କର୍ ଲାଗି ସ୍ୱର ଉତୋଲନ୍ କରିଛେ ।

ବାଜିରାଉତ୍ ଜୟନ୍ତୀ ଆର୍‌ଏନ୍‌ୟୁ କଟକ୍

ଓଡ଼ିଶାର ବୀରପୁତ୍ର ବାଜି ରାଉତଙ୍କର୍ ଜୟନ୍ତୀ ଅବ୍‌ସରେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ର ଗୁଟେ ପୋଷ୍ଟ୍ ଜରିଏ ବୀର ସ୍ୱାଧୀନତା

ସଂଗ୍ରାମୀ ଆର୍ ଦେଶର୍ ସବୁନୁ ଛୋଟ୍ ଶହୀଦ୍ ବାଜିରାଉତ୍ଙ୍କର୍ ଜୟନ୍ତୀ ଅବ୍ସରେ ତାଙ୍କୁ ସୁର୍ତା କରିଛନ୍ । ମୁଖ୍ୟମନ୍ତ୍ରୀ ତାଙ୍କର୍ ପୋଷ୍ଟ୍ଥି ଲେଖିଛନ୍ ଯେ, ମାତର୍କ ୧୨ ବଛର୍ ବୟେସେ ଦେଶର୍ ସ୍ୱାଧୀନତା ଲାଗି ସେ ଦେଖେଇଥିବା ବୀରତ୍ୱ ଆର୍ ପରାକ୍ରମ ହର୍ମେଶା ପ୍ରେରଣାର ଉତ୍ସ ହେଇକରି ରହେବା । ସେନ୍ତା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଶହୀଦ୍ ବାଜି ରାଉତ୍ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ତାଁକର୍ ସାହସ୍ ଆର୍ ସ୍ୱାଭିମାନ୍ ସବୁବେଲେ ଯୁବପିଢ଼ିକେ ଅନୁପ୍ରାଣିତ୍ କରୁଥିବା ବଲି କହିଛନ୍ ।

ଢେଙ୍କାନାଲ୍ ସହର୍ ବାଜିଚୌକ୍ ଠାନେ ଥିବା ବାଜିରାଉତ୍ଙ୍କର୍ ପ୍ରତିମୂର୍ତ୍ତିଥି ଆଏଜ୍ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍ଫୁ ଫୁଲ୍ମାଲ୍ ଅର୍ପଣ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଢେଙ୍କାନାଲ୍ ଜିଲ୍ଲା ଭୁବନ ବ୍ଲକ୍ର ନୀଳକଣ୍ଠପୁର୍ ଗାଁ ନ ୧୯୨୬ ମସିହା ଆଝିର୍ ଦିନେ ବାଜି ରାଉତ୍ ଜନମ୍ ହେଇଥିଲେ ।

ଆନ୍ତର୍ଜାତିକ ଶିକ୍ଷକ ଦିବସ  ଆରଏନୟୁ, ସମ୍ବଲପୁର

ଆଏଜ୍ ଆନ୍ତର୍ଜାତିକ୍ ଶିକ୍ଷକ୍ ଦିବସ୍ ।  ସବୁ ସ୍ତର୍ନ ଗୁଣାତ୍ମକ ଶିକ୍ଷା ପ୍ରଦାନ୍ ଲାଗି ଶିକ୍ଷକ୍ମାନ୍କର୍ ଭୂମିକା ବାବ୍ଦେ

ଲୁକକୁ ସଚେତନ୍ କର୍‌ବାର୍ ଲାଗି ଆର୍ ପୁରଥି ନ ଶିକ୍ଷକମାନ୍‌କର୍ ଥିତିଥି ସୁଧାର୍ ଆନ୍‌ବାରଟା ଆଜିର୍ ଦିନର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ । ଚଲ୍‌ତି ବଛ୍‌ରର୍ ଇ ଦିବସ୍‌ର ବାର୍ତା ହେଉଛେ - ଆମେ ଚାହୁଁଥିବାର୍ ଶିକ୍ଷା ଲାଗି ଆମେ ଦର୍‌କାର୍ କରୁଥିବା ଶିକ୍ଷକ୍ । ଶିକ୍ଷକ୍ ଅଭାବ୍‌କେ ଦୂର୍ କର୍‌ବାର୍‌ଟା ସାରା ପୁର୍‌ଥି ଲାଗି ଜରୁରୀ ଆଏ ।

ସାଇବର୍ ରଥ- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତେଲିବନ୍ଧ୍ ଠାନେ ସାଇବର୍ ସେଫ୍ଟି କେମ୍ପେନ୍ ହେଇଯାଇଛେ । ଲୋକ୍‌ମାନେ ସାଇବର୍ ଅପରାଧ୍‌ନୁ କେନ୍ତା ସୁରକ୍ଷିତ୍ ରହିପାର୍‌ବେ ସେ ବାବ୍‌ଦେ ପଥପ୍ରାନ୍ତ ନାଟକ୍ ଜରିଏ ସଚେତନ୍ କରାଯାଇଥିଲା । ସେଆଡ଼େ ଗାନ୍ଧୀ ଜୟନ୍ତୀ ଦିନୁ ସାଇବର୍ ଅପରାଧ୍ ବାବଦ୍ ସଚେତନତା ରଥ ଜିଲ୍ଲାର୍ ଭିନ୍ ଭିନ୍ ଗାଁ ଯାଇକରି ଲୁକ୍‌କୁ ସଚେତନ୍ କରୁଛେ ।

ସଂସାଧନ୍ ସଭ୍ୟ ତାଲିମ୍ କାର୍ଯ୍ୟକ୍ରମ ଝାର୍‌ସୁଗୁଡ଼ା

ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ କାର୍ଯ୍ୟାଲୟ ଠାନେ ସଂସାଧନ୍ ସଭ୍ୟମାନ୍‌କର୍ ୨ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍ ହେଇଯାଇଛେ । ଶିବିରଥି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ୍ ଯୋଜ୍‌ନା, ମଧୁବାବୁ ପେନ୍‌ସନ୍ ଯୋଜନା, ମମତା, ମିଶନ୍ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଲୟ, ଫସଲ୍‌ବୀମା ଯୋଜ୍‌ନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ୍, କ୍ରୀଡ଼ା, ଆମ ଓଡ଼ିଶା- ନବୀନ୍ ଓଡ଼ିଶା ଆର୍ ଫାଇଭ୍-ଟି ହାଇସ୍କୁଲ୍ ରୂପାନ୍ତରଣ୍ ବାଗିର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସଭ୍ୟମାନ୍‌କୁ ସୂଚ୍‌ନା ଦିଆଯାଇଥିଲା ।

ସ୍କ୍ରବ୍ ଟାଇଫସ୍ ଆର୍‌ଏନ୍‌ୟୁ କଟକ୍

ସୁନ୍ଦର୍‌ଗଡ୍ ଜିଲ୍ଲା ନ ସ୍କ୍ରବ୍ ଟାଇଫସ୍ ପଜିଟିଭ୍ ସଂଖ୍ୟା ବଢ଼୍‌ବାର୍‌କେ ଲାଗିଛେ । ଗଲା ୨୪ ଘଂଟା ଭିତ୍‌ରେ ୨ ଝନ୍ ନୂଆଁ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ୍ ହେଇଛନ୍ । ଇତାକେ ମିଶେଇକରି ଜିଲ୍ଲା ନ ପଜିଟିଭ୍ ସଂଖ୍ୟା ୩ ଶହ ୩୦କେ ବଢ଼ିଛେ । ଲୁକେ ଇଟାକେ ନାଇଁ ଡର୍‌ବାର୍‌କେ ସୁନ୍ଦର୍‌ଗଡ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପରାମର୍ଶ ଦେଇଛନ୍ । କାହାରିର୍ ଠାନେ ସ୍କ୍ରବ୍ ଟାଇଫସ୍ ରୋଗ୍‌ର ଲକ୍ଷଣ୍ ଦେଖାଦେଲେ ତୁର୍‌ତି ଡାକ୍ତର୍‌ଖାନାକେ ଯାଇକରି

ଡାକ୍ତରଙ୍କର୍ ପରାମର୍ଶ ଅନ୍‌ସାରେ ଉଷୋ ଖାଏବାର୍‌କେ ସେ ଲୁକ୍‌କୁ କହିଛନ୍ ।

ଛତର୍ ଯାତ୍ରା-ପ୍ରସ୍ତୁତି ବୈଠକ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡିର୍ ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କର୍ ପବିତ୍ର ଛତର୍‌ଯାତ୍ରା ବାବ୍‌ଦେ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ପି. ଅନ୍ୱେଷା ରେଡ୍ଡୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆଏବା ୨୨ ତାରିଖ୍ ଦିନ ହେବାର୍‌କେ ଥିବା ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ବାବ୍‌ଦେ ଆଲୋଚନା କରାଯାଇଥିଲା । ଇ ଛତର୍ ଯାତ୍ରାଥି ଘୁମ୍‌ରାଦଲ୍‌କେ ଛାଡ଼ିଦେଲେ ଅଲ୍‌ଗା ସାଂସ୍କୃତିକ୍ ଦଲ୍ ଭିଲ୍ ଅଂଶଗ୍ରହଣ୍ କର୍‌ବେ । ଛତର୍ ଯାତ୍ରା ଆଘୋନୁ ସହରର୍ ରାସ୍ତା ମରାମତି, ନାଲ୍‌ନର୍ଦ୍ଦମା ସଫାସୁତ୍‌ରା, ପାନୀୟ ଜଳ ଯୋଗାଣ, ବିଜ୍‌ଲି ଯୋଗାଣ, ବୁଲା ଗାଇ ଗୋରୁ ନିୟନ୍ତ୍ରଣ୍, ଶାନ୍ତିଶୃଙ୍ଖଲା ରକ୍ଷା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସ୍ୱଚ୍ଛତା- ସଂକଳ୍ପ ସପ୍ତାହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ବୋଡ଼େନ୍ ବ୍ଲକ୍‌ର ସୁନାପୁର୍ ଗ୍ରାମ୍ ପଂଚାୟତ୍ ଅଧୀନ୍‌ଥି ଥିବା ସରଧାପୁର୍ ଗାଁ ନ ସଂକଳ୍ପ ସପ୍ତାହ ପାଲିତ୍ ହେଉଛେ । ଇ ଅବ୍‌ସରେ ପଂଚାୟତ୍‌ବାସୀ ଗାଁ ଚାର୍‌ହିକୁତି ସାଫ୍‌ସୁତର୍ ରଖ୍‌ବାର୍ ସହେତେ ସ୍କୁଲ୍, ଅଙ୍ଗନବାଡ଼ି, ପଂଚାୟତ୍, ଆର୍ ବ୍ଲକ୍‌କେ ସଫା ରଖ୍‌ବାର୍ ଲାଗି ସଂକଳ୍ପ ନେଇଛନ୍ । ଗାଁର୍ ଉଚ୍ଚ ପ୍ରାଥମିକ ବିଦ୍ୟାଲୟର୍ ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ସଚେତନ୍ ରେଲିଥି ଭାଗ୍ ନେଇକରି ଗାଁ ପରିକ୍ରମା କରିଥିଲେ । ଗାଁର୍ ୯ ଟା ସ୍ୱୟଂ ସହାୟକ ଦଲ୍ ସଚେତନ୍ ରେଲିଥି ଭାଗ୍ ନେଇକରି ଲୋକ୍‌ମାନ୍‌କୁ ସଫାସୁତ୍‌ରା ବାବ୍‌ଦେ ବୁଝେଇଥିଲେ ।